# ଓଡିଶା ପୁଷ୍ଟିଶସ୍ୟ ମିଶନର ସଫଳ କାହାଣୀ

## ଚିତ୍ରକୋଣ୍ଡା ବ୍ଲକ – ମାଲକାନଗିରି ଜିଲ୍ଲା

ଏହି ତଥ୍ୟପତ୍ରରେ ବ୍ଲକ ସ୍ତରୀୟ ବାର୍ତ୍ତା ଭୁବନେଶ୍ୱରସ୍ଥିତି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପ୍ରଫେସର ଶ୍ରୀଜିତ୍ ମିଶ୍ର ଓ ତାଙ୍କ ସହଯୋଗୀଙ୍କ ଅଧ୍ୟୟନ, "ଓଡିଶାର ଆଦିବାସୀ ଅଞ୍ଚଳରେ ପୁଷ୍ଟିଶସ୍ୟ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର (ଓଡିଶା ପୁଷ୍ଟିଶସ୍ୟ ମିଶନର) ଜମିର ପରିମାଣ, ଅମଳ, ଉତ୍ପାଦନ ଏବଂ ଉତ୍ପାଦିତ ଶସ୍ୟର ମୂଲ୍ୟ, ୨୦୧୭-୧୮, ପର୍ଯ୍ୟାୟ-୧।" ଓ ପ୍ରାରମ୍ଭ (୨୦୧୬-୧୭) ସ୍ଥିତିର ଉପସ୍ଥାପନାରୁ ବ୍ୟୁତ୍ପାଦିତ।

### ଫଳାଫଳ: ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପ ପରେ ପରିବର୍ତ୍ତନ

ଚାଷୀ ପରିବାରର ହାରାହାରି ଜମିର ପରିମାଣ (ହେକ୍ଟର)




ଅମଳ: ଉତ୍ପାଦନ (କୁଇଣ୍ଟାଲ/ହେକ୍ଟର )




ଉତ୍ପାଦନର ମୂଲ୍ୟ (ଟଙ୍କା/ଚାଷୀ ପରିବାର)




ଉତ୍ପାଦନର ମୂଲ୍ୟ (ଟଙ୍କା/ହେକ୍ଟର)




### ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ମଧ୍ୟରେ ଅମଳର ତୁଳନା

**ଅମଳ: ଉତ୍ପାଦନ କୁଇଣ୍ଟାଲ/ହେକ୍ଟର**




ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପରେ ଚିତ୍ରକୋଣ୍ଡା ବ୍ଲକରେ ଏବଂ ମାଲକାନଗିରି ଜିଲ୍ଲାର ମିଶନ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ବ୍ଲକରେ କେବଳ ମାଣ୍ଡିଆ ଚାଷ କରାଯାଇଥିଲା। ଚିତ୍ରକୋଣ୍ଡା ବ୍ଲକରେ ୨୦୧୭ -୧୮ରେ ପୁଷ୍ଟିଶସ୍ୟ ମିଶନରେ ଅମଳ ହେକ୍ଟର ପିଛା ୧୭.୬୯ କୁଇଣ୍ଟାଲ ଥିଲା। ଯାହାକି ଜିଲ୍ଲାର ପୁଷ୍ଟିଶସ୍ୟ ମିଶନରେ ହେକ୍ଟର ପିଛା ୧୨.୫୩ କୁଇଣ୍ଟାଲ ଅମଳ ଓ ରାଜ୍ୟର ପୁଷ୍ଟିଶସ୍ୟ ମିଶନରେ ହେକ୍ଟର ପିଛା ୧୨.୭୨ କୁଇଣ୍ଟାଲ ଅମଳ ଠାରୁ ଅଧିକ ଥିଲା ଏବଂ ଚିତ୍ରକୋଣ୍ଡା ବ୍ଲକର ୨୦୧୬-୧୭ର ପ୍ରାରମ୍ଭିକ ସ୍ଥିତି ତୁଳନାରେ ୨.୪୭ ଗୁଣା ଅଧିକ ଥିଲା।

### ଚାଷ ପ୍ରଣାଳୀ ଅନୁସାରେ ଫଳାଫଳ

**ଚାଷ ପ୍ରଣାଳୀ ଅନୁସାରେ ଚାଷ ଜମିର ଭାଗ**




**ଚାଷ ପ୍ରଣାଳୀ ଅନୁସାରେ ଉତ୍ପାଦନର ଭାଗ**




**ଚାଷ ପ୍ରଣାଳୀ ଅନୁସାରେ ଅମଳ**




**ଚାଷ ପ୍ରଣାଳୀ ଅନୁସାରେ ବ୍ଲକ, ଜିଲ୍ଲା ଏବଂ ରାଜ୍ୟର ଉତ୍ପାଦନ ଭାଗ**




ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷରେ ମାଲକାନଗିରି ଜିଲ୍ଲାର ଚିତ୍ରାକୋଣ୍ଡା ବ୍ଲକରେ ୯୭% ଚାଷ ଜମିର ଭାଗ ଓ ୯୬% ଉତ୍ପାଦନର ଭାଗ ଧାଡି ରୋପା ପ୍ରଣାଳୀରେ ହୋଇଥିଲା ଓ ଶ୍ରୀ ପ୍ରଣାଳୀରେ ହେକ୍ଟର ପିଛା ଅମଳ ଅଧିକ ଥିଲା। ପୁଷ୍ଟିଶସ୍ୟ ମିଶନରେ ଜିଲ୍ଲାର ଖଇରିପୁଟ ଓ କୋରକୁଣ୍ଡା ବ୍ଲକରେ ଶ୍ରୀ ପ୍ରଣାଳୀରେ ଉତ୍ପାଦନର ଭାଗ ଅଧିକ ଥିଲା।


+91-674-2301094, 2300471 ncds_bbsr@dataone.in http://ncds.nic.in, http://www.milletsodisha.com
@ncdsbhubaneswar, @milletsmission @ncds_bbsr, @MilletsOdisha Powered by: